ଭାରତୀୟ ଜନତା ପାର୍ଟି, ଓଡିଶା

**ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଅମିତ ଶାହାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ**

# ବିଜେଡି ଓ କଂଗ୍ରେସର ଶତାଧିକ ନେତା ଓ କର୍ମୀ ବିଜେପିରେ ସାମିଲ

- **କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସାମିଲ ହେଲେ**
- **ବିଜେପିରେ ସାମିଲ ହେଲେ ତାଳଚେର ମ୍ୟୁନିସିପାଲିଟିର କଂଗ୍ରେସ କାଉନସିଲର ପ୍ରମିଳା ଖଣ୍ଡୁଆଳ**
- **ପାଇପ ଲାଇନ ପ୍ରଜାସଂଘ ଏବଂ ରେଲ୍‌ୱେ ପ୍ରଜାସଂଘର ଶତାଧିକ କର୍ମକର୍ତ୍ତା ବିଜେପି ଦଳରେ ଯୋଗ ଦେଲେ**

**ଭୁବନେଶ୍ୱର, ତା.୩୧/୦୮ :** ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଅମିତ ଶାହାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ତାଳଚେର ମ୍ୟୁନିସିପାଲିଟିର କଂଗ୍ରେସ କାଉନସିଲର ପ୍ରମିଳା ଖଣ୍ଡୁଆଳ, ପୂର୍ବତନ କଂଗ୍ରେସ କାଉନସିଲର ତଥା ଆଦିବାସୀ ନେତା ଗୋବିନ୍ଦ ହାଂସଦା, କଂଗ୍ରେସ ନେତା ରାଜେଶ ଖଣ୍ଡୁଆଳ, ରଂଜନ ଖଣ୍ଡୁଆଳ, ଚନ୍ଦ୍ରମଣି ନାୟକ, ଶ୍ରୀନିବାସ ସେଠୀ, ସଂଜୟ ନାୟକ, ବିଜେଡି ନେତା ସୁରେନ୍ଦ୍ର ଶର୍ମା, ତାଳଚେର ବ୍ଲକର ବିଜେଡି ନେତା ତଥା ସମାଜସେବୀ କିଶୋର ଚନ୍ଦ୍ର ପ୍ରଧାନ, ପରମାନନ୍ଦ ବେହେରା, ପଦ୍ମନାଭ ଦାସ, ବିଜୟ କୁମାର ପଟ୍ଟନାୟକଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସାମିଲ ହୋଇଛନ୍ତି ।

ଅନୁଗୁଳ ଜିଲ୍ଲା ଟେଣ୍ଟୁଳିଆ ପଂଚାୟତର ସରପଂଚ ଲିଜା ବେହେରା, ଜଗନ୍ନାଥପୁର ପଂଚାୟତର ପୂର୍ବତନ ସଂପଚ ବିଜୟ ବେହେରା, ବଡକୋରଡା ପଂଚାୟତପ ପୂର୍ବତନ ସମିତି ସଭ୍ୟ ବବିତା ବିଶ୍ୱାଳ, ଗୁରୁଜାଂଗୁଲି ପଂଚାୟତର ପୂର୍ବତନ ସରପଂଚ ରାହସ ନାୟକଙ୍କ ସମେତ ତାଙ୍କର ଶତାଧିକ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି ।

ସେହିପରି ନାଲକୋ କ୍ଷତିଗ୍ରସ୍ତ ପ୍ରଜାସଂଘର ସାଧାରଣ ସଂପାଦକ ଶଶାଙ୍କ ଶେଖର ସାମଲଙ୍କ ନେତୃତ୍ୱରେ ପାଇପ ଲାଇନ ପ୍ରଜାସଂଘ ଏବଂ ରେଲ୍‌ୱେ ପ୍ରଜାସଂଘର ଶତାଧିକ କର୍ମକର୍ତ୍ତା ବିଜେପି ଦଳରେ ଯୋଗ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ଶ୍ରୀ ପାଣି ସମସ୍ତ ସଦସ୍ୟଙ୍କୁ ଦଳୀୟ ଟୋପି ଏବଂ ଉତରୀୟ ଦେଇ ଦଳରେ ସ୍ୱାଗତ କରିଛନ୍ତି ।

ତାଳଚେର ଅନୁଗୁଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଶେଷ କରି ଶିଳ୍ପାଚଂଳ କ୍ଷତିଗ୍ରସ୍ତ ପ୍ରଜାସଂଘର ସମସ୍ତ କର୍ମକର୍ତ୍ତା, ତାଳଚେର କାଉନସିଲର, ପୂର୍ବତନ କାଉନସିଲର, ପୂର୍ବତନ ସଂରପଂଚ ଓ ସମିତିସଭ୍ୟ, ସ୍ଥାନୀୟ ବିଜେଡି ଓ କଂଗ୍ରେସର ବରିଷ୍ଠ ନେତା, ଯୁବକ ଦଳରେ ଯୋଗ ଦେଇଥିବାରୁ ଶ୍ରୀ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଅଭିନନ୍ଦନ ଜଣାଇଛନ୍ତି । ଏହି ମିଶ୍ରଣ ଯୋଗୁଁ ତାଳଚେର ଏବଂ ଅନୁଗୁଳ ଅଂଚଳରେ ଦଳର ସଙ୍ଗଠନ ଆହୁରି ମଜବୁତ ହେବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଏହି ମିଶ୍ରଣ ପର୍ବ ଅବସରରେ ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି, ରାଜ୍ୟ ସଂପାଦକ କାଳେନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ମୀନକେତନ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**